# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2 July – 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବୃହତ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ

– ୨୦୩୬ ସୁଦ୍ଧା ସମୃଦ୍ଧ, ଆଧୁନିକ ଏବଂ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ଓଡ଼ିଶା ଗଠନ ପାଇଁ ପଦକ୍ଷେପ ନିଆଯାଉଛି; କହିଲେ ମୁଖ୍ୟମନ୍ତ୍ରୀ

- ବଳରାମ ଦାସଙ୍କ ଜନ୍ମପୀଠରେ ନିର୍ମାଣ ହେବ ମହାଲକ୍ଷ୍ମୀ କରିଡର
- ପ୍ରକାଶ ପାଇଲା ଏକକ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାଫଳ

ଏବଂ

- ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେଲା ଲଘୁଚାପ

# ବୁଝାମଣାପତ୍ର

ଭୁବନେଶ୍ୱର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଲାଗି ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା ଇପିକଲ୍ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟର ନ୍ୟାସନାଲ ହୋଲ୍ଡିଂ କମ୍ପାନୀ ଆଇ.ଏଚ୍.ସି. ମଧ୍ୟରେ ଏକ ବୃହତ୍ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରୀନ୍ ମେଟାଲ୍ସ ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରାକୁ ସୁଦୃଢ଼ କରିବାରେ ଏହି ପ୍ରକଳ୍ପ ସହାୟକ ହେବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିବେଶକଙ୍କ ନିକଟରେ ଓଡ଼ିଶା ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ, ଆଧୁନିକ, ସମାବେଶୀ ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ଗଢ଼ିବା ପାଇଁ ସରକାର ନିରନ୍ତର ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ବକ୍ସାଇଟ୍ ଖଣିଜ କାର୍ଯ୍ୟ, ଆଲିମିନା ରିଫାଇନିଂ, ସ୍ମେଲଟିଙ୍ଗ, ଅନୁସନ୍ଧାନ ଓ ଗବେଷଣା, ଡିଜିଟାଲ ଭିତ୍ତିଭୂମିର ବିକାଶ ଏବଂ ରାଜ୍ୟରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ ଏଥିରେ ପ୍ରୟାସ

କରାଯିବ । ଏହି ଶିଳ୍ପ ପ୍ରତିଷ୍ଠା ଦ୍ୱାରା ପ୍ରାୟ ୫୩ ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

**- V/O –**

Desk

## ମୁଖ୍ୟମନ୍ତ୍ରୀ– ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଓଡ଼ିଶାର ବିକାଶମୂଳକ ପ୍ରକଳ୍ପ, କେନ୍ଦ୍ର ଓ ରାଜ୍ୟ ସମନ୍ୱୟ ଏବଂ ସଂଗଠନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ ।

Desk

## ଲକ୍ଷ୍ମୀପୁରାଣ ଶୀର୍ଷକ ଆଲୋଚନାଚକ୍ର

'ଲକ୍ଷ୍ମୀ ପୁରାଣ କରିଡର' ପ୍ରକଳ୍ପ ରାଜ୍ୟର ଐତିହ୍ୟକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ସହିତ ମହିଳା ସଶକ୍ତୀକରଣ ଓ ସାମାଜିକ ସମାନତାର ବାର୍ତ୍ତା ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱର ମିଶନ ଶକ୍ତି ଭବନ ପ୍ରେକ୍ଷାଳୟରେ ଶକ୍ତି ବନ୍ଦନାର ମହାଗାଥା– ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ଲକ୍ଷ୍ମୀପୁରାଣ ଭକ୍ତ ଶ୍ରେଷ୍ଠ ସନ୍ଥ ବଳରାମ ଦାସଙ୍କ ସମାଜ ପାଇଁ ଏକ ମହତଦାନ । 'ସମ୍ମାନ ବିନା ସମୃଦ୍ଧି, ସମାନତା ବିନା ଉନ୍ନତି ଏବଂ ନାରୀର ନେତୃତ୍ୱ

ବିନା ବିକାଶ ସମ୍ଭବ ନୁହେଁ। ରାଜ୍ୟ ସରକାର ୧ କୋଟି ସଂଶୋଧିତ ଲକ୍ଷ୍ମୀପୁରାଣ ବଣ୍ଟନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବଳରାମ ଦାସଙ୍କ ଜନ୍ମପୀଠରେ ମହାଲକ୍ଷ୍ମୀ କରିଡର ନିର୍ମାଣ କରାଯିବ।  କରିଡରେ ବଳରାମ ଦାସ ଓ ମା' ଲକ୍ଷ୍ମୀଙ୍କ ଗବେଷଣା ଗ୍ୟାଲେରି ରହିବ। ଏହି କରିଡର ସ୍ଥାନୀୟ ଲୋକଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରିବ ବୋଲି ଶ୍ରୀମତୀ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ଓ ବକ୍ତାମାନେ ଯୋଗଦେଇ ଲକ୍ଷ୍ମୀ ପୁରାଣର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

Desk

## ଏସଆଇଆର୍

ରାଜ୍ୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍. ପ୍ରକ୍ରିୟାର ପରିଗଣନା ଫର୍ମ ବଣ୍ଟନ, ଡିଜିଟାଇଜେସନ୍ ଓ ସଂଗ୍ରହ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ ଗୁରୁତ୍ୱାରୋପ କରିଛନ୍ତି। ଚିଠା ଭୋଟର ତାଲିକାର ଯାଞ୍ଚ, ଦାବି ଓ ଆପତ୍ତି ପ୍ରକ୍ରିୟାରେ ସକ୍ରିୟଭାବେ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି। ଚିଠା ଭୋଟର ତାଲିକା ଆସନ୍ତା ରବିବାର ଦିନ ପ୍ରକାଶ ପାଇବ। ଏହାପରେ କୌଣସି ପ୍ରକାର ଅଭିଯୋଗ ଥିଲେ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଦାଖଲ କରାଯାଇପାରିବ।

ଚିଠା ଭୋଟର ତାଲିକାରେ ତ୍ରୁଟି ପରିଲକ୍ଷିତ ହେଲେ ଫର୍ମ-୬ ମାଧ୍ୟମରେ ନୂତନ ନାମ ସଂଯୋଗ, ଫର୍ମ-୭ରେ ଭୋଟର ତାଲିକାରୁ ନାମ ବାଦ ଓ ଫର୍ମ-୮ରେ ଯେକୌଣସି ପ୍ରକାର ସଂଶୋଧନ କରିହେବ। ଏସ୍.ଆଇ.ଆର ପ୍ରକ୍ରିୟାର ମୂଳଲକ୍ଷ୍ୟ ହେଉଛି ସଠିକ, ସମାବେଶୀ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା।

Desk

## ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଅନୁଷ୍ଠିତ ଏକକ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ୧୩୨ଟି ଉଚ୍ଚଶିକ୍ଷା ଅନୁଷ୍ଠାନରେ ଥିବା ୩୨ ହଜାର ୩୦୯ଟି ଆସନରେ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୫୩ ହଜାର ୯୦୧ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ। ପରୀକ୍ଷାର୍ଥୀମାନେ ସାମ୍ସ ପୋର୍ଟାଲରେ ସେମାନଙ୍କ ପରୀକ୍ଷା ଫଳ ଦେଖିପାରିବେ।

Desk

## ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ ବୈଠକ

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗକୁ ନେଇ ଆଜି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ– ଏସ୍.ସି.ଇ.ଆର୍.ଟି. କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆବହି ମୁଦ୍ରଣ ପ୍ରସ୍ତୁତି, ତ୍ରୁଟି ରହିଥିବା ବହିର ତର୍ଜମା ଓ ବିଭିନ୍ନ ପୁସ୍ତକର ଅନୁଧ୍ୟାନ ଉପରେ ବୈଠକରେ ଆଲୋଚନା କରାଯାଇଛି। ନୂଆ ବହିର ମୁଦ୍ରଣ କାର୍ଯ୍ୟ ଓ ପାଠ୍ୟକ୍ରମ ସମ୍ପର୍କରେ ଏଥିରେ ଗୁରୁତ୍ୱ

ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଓସେପା ନିର୍ଦ୍ଦେଶକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

Desk

# ନାମଲେଖା

ଚଳିତ ଶିକ୍ଷାବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆଜି ପ୍ରକାଶ ପାଇବାକୁ ଥିବା ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ମେଧା ତାଲିକାକୁ ସ୍ଥଗିତ ରଖାଯାଇଛି । ସଂଶୋଧିତ ସମୟସୂଚୀ ଖୁବ୍‌ଶୀଘ୍ର ସାମ୍‌ସ ପୋର୍ଟାଲରେ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

Puri

# ସମନ୍ୱୟ ବୈଠକ

ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୂଚାରୁରୂପେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଭକ୍ତଙ୍କ ସୁବିଧା, ସୁରକ୍ଷା, ଶୃଙ୍ଖଳିତ  ଦର୍ଶନ ବ୍ୟବସ୍ଥା, ବଡ଼ଦାଣ୍ଡରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଏବଂ ସେବାୟତମାନଙ୍କ ସହ ସୂଚାରୁରୂପେ ସମନ୍ୱୟ ରକ୍ଷା ଉପରେ ଆଲୋଚନା କରାଯାଇଥିଲା । ରଥଯାତ୍ରା ସମୟରେ ଜରୁରୀକାଳୀନ ସେବା ଓ ଜନସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ବୈଠକରେ ଛତିଶାନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ ।

Nayagada

# ରଥଯାତ୍ରା ବୈଠକ

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ରଣପୁରର ଐତିହ୍ୟ ଶ୍ରୀଜଗନ୍ନାଥ ମନ୍ଦିରର ଆଗାମୀ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଚସ୍ପତି ସୁରମା ପାଢ଼ି ଯୋଗଦେଇ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ପରିମଳ ସହ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

Rayagada/Balangir/Boudh/CTC/Dhenkanal/Malkangiri/Nayagada

# ଭି.ବି.–ଜି.ରାମ.ଜି. କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭି.ବି.–ଜି.ରାମ.ଜି. ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ କହିଛନ୍ତି, ଯୋଜନାରେ ପ୍ରତିବର୍ଷ ୧୨୫ ଦିନର  କର୍ମନିଯୁକ୍ତି ଯୋଗାଇ ଦିଆଯିବ । ଫଳରେ ଶ୍ରମିକମାନେ ନିଶ୍ଚିତ କର୍ମନିଯୁକ୍ତି ପାଇବା ସହିତ ଅଧିକ ରୋଜଗାରକ୍ଷମ ହୋଇପାରିବେ ।

ନୟାଗଡ଼ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦିଆଯିବା ଉପରେ ଆଲୋଚନା କରିଥିଲେ।

କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗଦେଇ ନିଶ୍ଚିତ କାର୍ଯ୍ୟ ସୁଯୋଗ ପ୍ରଦାନ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଚାଲିଥିବା କାର୍ଯ୍ୟଗୁଡ଼ିକର ସମ୍ପୂର୍ଣ୍ଣ ସହିତ ନୂତନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ସିନ୍ଦେ କହିଥିଲେ।

ମାଲକାନଗିରି ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅରବିନ୍ଦ ରାଜସିର୍କେ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଏବଂ ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ।

ବୌଦ୍ଧ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଯୋଜନାର ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳର ଶ୍ରମିକ ପରିବାରକୁ ଅଧିକ ରୋଜଗାର ସୁଯୋଗ, ଦୀର୍ଘକାଳୀନ ଜୀବିକା ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶରେ ଭି.ବି.-ଜି.ରାମ.ଜି. ନୂତନ ଦିଗ ପ୍ରଦାନ କରିବ ବୋଲି କହିଛନ୍ତି।

ବଲାଙ୍ଗୀର ଜିଲ୍ଲା ବନ ବିଭାଗ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଯୋଜନାର ଶୁଭାରମ୍ଭ କରି ଯୋଗ୍ୟ ଗ୍ରାମୀଣ ପରିବାରଗୁଡ଼ିକ କାମ ପାଇପାରିବେ ବୋଲି କହିଛନ୍ତି।

ରାୟଗଡ଼ାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଭି.ବି.–ଜି.ରାମ.ଜି ଯୋଜନାର ଶୁଭାରମ୍ଭ କରାଯାଇଛି। ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି।

Malkangiri

## ଜନଗଣନା ପ୍ରଶିକ୍ଷଣ

ମାଲକାନଗିରି ଜିଲ୍ଲାରେ ୨୦୨୭ ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲ୍ଲାରେ ସମସ୍ତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନଙ୍କୁ ଜନଗଣନାର ଜ୍ଞାନକୌଶଳ ଓ ଜଟିଳ ପଦ୍ଧତି ସମ୍ପର୍କରେ ତାଲିମ ଦିଆଯାଇଛି। ଜିଲ୍ଲାର ପ୍ରଗତି ଏବଂ ସରକାରୀ ଯୋଜନା ପ୍ରଣୟନ ନିମନ୍ତେ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଶିବିରରେ ଗୁରୁତ୍ୱ ଦିଆଯାଇଛି।

Debagada

## ଜମିପଟ୍ଟା ପ୍ରଦାନ

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ତହସିଲ କାର୍ଯ୍ୟାଳୟରେ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ନିୟମ ୧୯୬୨ରେ ସଂଶୋଧନ ନେଇ ୨୫ଟି ମାମଲାର ସମାଧାନ କରାଯାଇଛି। ପ୍ରାକ୍ ସେଟଲମେଣ୍ଟ ଦଲିଲ ଆଧାରରେ

ସଂଶୋଧନ କରାଯାଇ ୨୫ ଜଣ ଆବେଦନକାରୀଙ୍କୁ ତହସିଲ ପକ୍ଷରୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

Desk

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହୋଇଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତି ପ୍ରବଳ ବର୍ଷା ହେବା ନେଇ ମୟୁରଭଞ୍ଜ ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଏ ସମ୍ପର୍କରେ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**